# ଭୁବନେଶ୍ୱର ମହାନଗର ନିଗମ

## ସାଧାରଣ ବୈଠକ ବିବରଣୀ

ତା.୨୯.୦୪.୨୦୧୫ ରିଖ ✷ ସମୟ: ପୂର୍ବାହ୍ନ ଘ.୧୧.୦୦ ଟିକା ✷ ସ୍ଥାନ: ନିଗମ ସଭାକକ୍ଷ "ଏକାମ୍ର"

<u>ଉପସ୍ଥିତ ସଭ୍ୟ/ସଭ୍ୟା</u>

*ସର୍ବଶ୍ରୀ:*

| | |
|---|---|
| ୧. ଅନନ୍ତ ନାରାୟଣ ଜେନା | ମେୟର |
| ୨. କେ. ଶାନ୍ତୀ | ଡେପୁଟି ମେୟର |
| ୩. ମମତା ରାଉତ | ୱାର୍ଡ ନଂ-୦୧ |
| ୪. ହରିଶ୍ ଚନ୍ଦ୍ର ମୁର୍ମୁ | ୱାର୍ଡ ନଂ-୦୨ |
| ୫. ଯୟନ୍ତି ଜେନା | ୱାର୍ଡ ନଂ-୦୩ |
| ୬. ଗାୟତ୍ରୀ ଲେଙ୍କା | ୱାର୍ଡ ନଂ-୦୪ |
| ୭. ନିର୍ମଳ ଚନ୍ଦ୍ର ରାଉତ | ୱାର୍ଡ ନଂ-୦୫ |
| ୮. ପ୍ରୀତିନନ୍ଦା ରାଉତରାୟ | ୱାର୍ଡ ନଂ-୦୬ |
| ୯. ସ୍ୱର୍ଣ୍ଣପ୍ରଭା ରାୟ | ୱାର୍ଡ ନଂ-୦୭ |
| ୧୦. ମୋନାଲିସା ସାହୁ | ୱାର୍ଡ ନଂ-୦୮ |
| ୧୧. ସୂର୍ଯ୍ୟକାନ୍ତି ଜେନା | ୱାର୍ଡ ନଂ-୦୯ |
| ୧୨. ପ୍ରଣତି ନାୟକ | ୱାର୍ଡ ନଂ-୧୦ |
| ୧୩. ରଶ୍ମିତା ମହାନ୍ତି | ୱାର୍ଡ ନଂ-୧୧ |
| ୧୪. ସଞ୍ଜୟ କୁମାର ସେଠୀ | ୱାର୍ଡ ନଂ-୧୨ |
| ୧୫. ସୌଭାଗ୍ୟ ବାରିକ | ୱାର୍ଡ ନଂ-୧୩ |
| ୧୬. ଦେବୀ ପ୍ରସାଦ ମଲ୍ଲିକ୍ | ୱାର୍ଡ ନଂ-୧୪ |
| ୧୭. ସମୀର ପ୍ରଧାନ | ୱାର୍ଡ ନଂ-୧୫ |
| ୧୮. ଲିଳାବତୀ ଓଝା | ୱାର୍ଡ ନଂ-୧୭ |
| ୧୯. ସୁକାନ୍ତି ସୁବୁଦ୍ଧି | ୱାର୍ଡ ନଂ-୧୮ |
| ୨୦. ଜ୍ୟୋସ୍ନାରାଣୀ ରାଉତରାୟ | ୱାର୍ଡ ନଂ-୧୯ |
| ୨୧. ବାସନ୍ତି ସିଂ | ୱାର୍ଡ ନଂ-୨୦ |
| ୨୨. ପ୍ରେମାନନ୍ଦ ଜେନା | ୱାର୍ଡ ନଂ-୨୧ |
| ୨୩. ହରେକୃଷ୍ଣ ନାୟକ | ୱାର୍ଡ ନଂ-୨୨ |
| ୨୪. ଦିଲ୍ଲିପ କୁମାର ମାଝୀ | ୱାର୍ଡ ନଂ-୨୩ |
| ୨୫. ହରପ୍ରିୟା ସାହୁ | ୱାର୍ଡ ନଂ-୨୪ |
| ୨୬. ମାନସୀରାଣୀ ସୁନ୍ଦରାୟ | ୱାର୍ଡ ନଂ-୨୫ |
| ୨୭. ଝୁନୀବାଳା ଦେଇ | ୱାର୍ଡ ନଂ-୨୬ |
| ୨୮. ପ୍ରତିମା ରାଉତରାୟ | ୱାର୍ଡ ନଂ-୨୭ |
| ୨୯. ପୁଷ୍ପାଞ୍ଜଳି ଦାସ | ୱାର୍ଡ ନଂ-୨୮ |
| ୩୦. ସେଖ୍ ନିଜାମ ଉଦ୍ଦିନ୍ | ୱାର୍ଡ ନଂ-୨୯ |
| ୩୧. କୁମାରେନ୍ଦ୍ର ମହାପାତ୍ର | ୱାର୍ଡ ନଂ-୩୧ |
| ୩୨. ସୁଷମା ଜେନା | ୱାର୍ଡ ନଂ-୩୨ |
| ୩୩. ସୁରେଶ ଚନ୍ଦ୍ର ଜେନା | ୱାର୍ଡ ନଂ-୩୩ |
| ୩୪. ଭାନୁପ୍ରିୟା ଦାସ | ୱାର୍ଡ ନଂ-୩୪ |
| ୩୫. ଦେବାଶିଷ ସିଟ୍ | ୱାର୍ଡ ନଂ-୩୫ |
| ୩୬. ନରେନ୍ କୁମାର ସାହୁ | ୱାର୍ଡ ନଂ-୩୬ |
| ୩୭. ନବ କିଶୋର ବେହେରା | ୱାର୍ଡ ନଂ-୩୭ |
| ୩୮. ନିଖିଳ କୁମାର ବଳବନ୍ତରାୟ | ୱାର୍ଡ ନଂ-୩୮ |
| ୩୯. ପ୍ରତିଭା ସାମନ୍ତରାୟ | ୱାର୍ଡ ନଂ-୩୯ |
| ୪୦. ରାମଚନ୍ଦ୍ର ପ୍ରଧାନ | ୱାର୍ଡ ନଂ-୪୦ |
| ୪୧. ମମତା ସାହୁ | ୱାର୍ଡ ନଂ-୪୧ |
| ୪୨. ପୁଷ୍ପାଞ୍ଜଳି ସେଠୀ | ୱାର୍ଡ ନଂ-୪୨ |
| ୪୩. ରାଜଲକ୍ଷ୍ମୀ ନାଏକ | ୱାର୍ଡ ନଂ-୪୩ |
| ୪୪. ରଚନା ପାଇସାହାଣୀ | ୱାର୍ଡ ନଂ-୪୪ |
| ୪୫. ଅମରେଶ ଜେନା | ୱାର୍ଡ ନଂ-୪୫ |
| ୪୬. ପ୍ରଣବ କିଶୋର ସ୍ୱାଇଁ | ୱାର୍ଡ ନଂ-୪୬ |
| ୪୭. ନିହାର ରଞ୍ଜନ ସାହୁ | ୱାର୍ଡ ନଂ-୪୮ |
| ୪୮. ଅଶ୍ୱିନୀ କୁମାର ସୁନ୍ଦରାୟ | ୱାର୍ଡ ନଂ-୪୯ |
| ୪୯. ସୁଜିତ୍ କୁମାର ସ୍ୱାଇଁ | ୱାର୍ଡ ନଂ-୫୦ |
| ୫୦. ବିନୟନୀ ଜେନା | ୱାର୍ଡ ନଂ-୫୧ |
| ୫୧. ଶ୍ରୀଧର ବେହେରା | ୱାର୍ଡ ନଂ-୫୨ |
| ୫୨. ମହାମାୟା ସ୍ୱାଇଁ | ୱାର୍ଡ ନଂ-୫୩ |
| ୫୩. ରଶ୍ମିତା ମହାପାତ୍ର | ୱାର୍ଡ ନଂ-୫୪ |
| ୫୪. ବନ୍ଦନା ସାହୁ | ୱାର୍ଡ ନଂ-୫୭ |
| ୫୫. ପୁଷ୍ପା ଦାସ | ୱାର୍ଡ ନଂ-୫୮ |
| ୫୬. ବିରଞ୍ଚି ନାରାୟଣ ମହାସୁପକାର | ୱାର୍ଡ ନଂ-୫୯ |
| ୫୭. ଦୀପ୍ତିମୟୀ ସମର୍ଥା | ୱାର୍ଡ ନଂ-୬୦ |
| ୫୮. ଅନିତାରାଣୀ ମହାନ୍ତି | ୱାର୍ଡ ନଂ-୬୧ |
| ୫୯. ହୃଦୟ ବଲ୍ଲଭ ସାମନ୍ତରାୟ | ୱାର୍ଡ ନଂ-୬୨ |
| ୬୦. ରଘୁନାଥ ମହାନ୍ତି | ୱାର୍ଡ ନଂ-୬୩ |
| ୬୧. ମୁଜାହିଦ୍ ହୁସେନ୍ | ୱାର୍ଡ ନଂ-୬୪ |
| ୬୨. ଜ୍ୟୋସ୍ନାମୟୀ ଜେନା | ୱାର୍ଡ ନଂ-୬୫ |
| ୬୩. ଛବି ଦାଶ | ୱାର୍ଡ ନଂ-୬୬ |
| ୬୪. ଦେବୀ ପ୍ରସାଦ ନନ୍ଦ | ୱାର୍ଡ ନଂ-୬୭ |

୬୫. ଅଶୋକ ଚନ୍ଦ୍ର ପଣ୍ଡା,
ମାନ୍ୟବର ବିଧାୟକ ଭୁବନେଶ୍ୱର "ଏକାମ୍ର"
ତଥା ମାନ୍ୟବର ମନ୍ତ୍ରୀ, ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ

୬୬. ବିଜୟ କୁମାର ମହାନ୍ତି
ମାନ୍ୟବର ବିଧାୟକ ଭୁବନେଶ୍ୱର "ମଧ୍ୟ"

୬୭. ଅକ୍ଷୟ କୁମାର ଦିକ୍ଷିତ୍
ମାନ୍ୟବର ସାଂସଦ, ଭୁବନେଶ୍ୱରଙ୍କ ପ୍ରତିନିଧି

ଅଦ୍ୟ ତା ୨୯.୪.୨୦୧୫ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ ଭୁବନେଶ୍ୱର ମହାନଗର ନିଗମର ଏକ ସାଧାରଣ ବୈଠକ ନିଗମ ସଭାକକ୍ଷ "*ଏକାମ୍ର*" ରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନ୍ୟବର ମେୟର- ତଥା-ଗୃହର ସ୍ଥାୟୀ ସଭାପତି ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା ସଭାପତିତ୍ୱ କରିଥିଲେ । ମେୟର ତଥା ସଭାପତି ବୈଠକରେ ଉପସ୍ଥିତ ମାନ୍ୟବର ବିଧାୟକ, ଡେପୁଟି ମେୟର, କର୍ପୋରେଟର, କମିଶନର, ଅତିରିକ୍ତ କମିଶନର, ଜନସ୍ୱାସ୍ଥ୍ୟ ବିଭାଗର ନିରୀକ୍ଷଣ ଯନ୍ତ୍ରୀ ଓ ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ସ୍ୱାଗତ କରିଥିଲେ । ନିଗମର ପ୍ରଚଳିତ ପ୍ରଥା ଅନୁଯାୟୀ "ବନ୍ଦେ ଉତ୍କଳ ଜନନୀ" ବନ୍ଦନା ଗାନ କରାଯିବା ପରେ କାର୍ଯ୍ୟସୂଚୀ ମତେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ସଭା ଆରମ୍ଭରେ ସଭାପତିଙ୍କ ଅନୁରୋଧ କ୍ରମେ ନିଗମରେ ନୂତନ ଭାବେ ଯୋଗ ଦେଇଥିବା ଦୁଇ ଜଣ ଅଧିକାରୀ ଶ୍ରୀ ଆଲୋକ କୁମାର କର, ଅତିରିକ୍ତ କମିଶନରଙ୍କୁ ମାନନୀୟା ଡେପୁଟି ମେୟର ଏବଂ ଶ୍ରୀ ଦୀପକ କୁମାର ରାଉତରାୟ, ଡେପୁଟି କମିଶନରଙ୍କୁ, ୱାର୍କସ କମିଟିର ଚେୟାରମ୍ୟାନ୍ ଶ୍ରୀ ଅମରେଶ ଜେନା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ବୈଠକରେ ଉପସ୍ଥିତ ସମସ୍ତ କର୍ପୋରେଟର କରତାଳି ଦେଇ ତାଙ୍କୁ ସ୍ୱାଗତ କରିଥିଲେ ।

ସଭାପତି କହିଥିଲେ ଯେ, ଆମ ସହିତ ଏହି ଦୁଇ ଅଧିକାରୀ କାମ ଆରମ୍ଭ କଲେଣି । ସେମାନେ ମଧ ଭଲ କାମ କରୁଛନ୍ତି ଏବଂ ଏହିପରି କାର୍ଯ୍ୟ କରିବେ ବୋଲି ଆଶା କରୁଅଛୁ ।

ସଭାପତିଙ୍କ ଅନୁରୋଧ କ୍ରମେ ମାନ୍ୟବର ବିଧାୟକ 'ମଧ୍ୟ' ଭୁବନେଶ୍ୱର ଶ୍ରୀ ବିଜୟ କୁମାର ମହାନ୍ତି, ମାନ୍ୟବର ମେୟର, ଡେପୁଟି ମେୟର, କମିଶନର, ଅତିରିକ୍ତ କମିଶନର, ନିରୀକ୍ଷଣ ଯନ୍ତ୍ରୀ, କର୍ପୋରେଟର ବୃନ୍ଦ ଓ ଅଧିକାରୀ ମାନଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ ଯେ, ନିଗମାଞ୍ଚଳରେ ବହୁ ଉନ୍ନୟନ ମୂଳକ କାର୍ଯ୍ୟ ଚାଲିଅଛି । ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଆପଣମାନେ MLA ଭାବରେ ନୁହେଁ ସେବକ ଭାବରେ ଲୋକଙ୍କ କାର୍ଯ୍ୟ କର । ଆମେ ସମସ୍ତେ ଗୋଟିଏ ସରଳ ରେଖାରେ କାମ କରିବା, କୌଣସି ସମସ୍ୟା ହେଲେ ସମସ୍ତଙ୍କ ସହଯୋଗରେ ସମାଧାନ କରିବା, ରେଲୱେ ଷ୍ଟେସନ ପାଖରେ ଥିବା ବନଫୁଲ ବସ୍ତି ବାସିନ୍ଦାଙ୍କୁ ଉଚ୍ଛେଦ କରାଯାଇ ଉତର ନିର୍ବାଚନ ମଣ୍ଡଳୀରେ ଥଇଥାନ କରାଗଲା । ପ୍ରାୟ ଦୁଇ ଶହ ଲୋକ ପ୍ରିୟବାବୁଙ୍କୁ ଘେରିଲେ । ମୁଁ, ପ୍ରିୟ ବାବୁ ଓ ମେୟର ମହୋଦୟ ମିଶି ମୁଖ୍ୟ ଶାସନ ସଚିବ ପାଖରେ ଆଲୋଚନା କଲୁ । ଟ୍ରାଞ୍ଜିଟ୍ ହାଉସ୍ ନହେବା ପର୍ଯ୍ୟନ୍ତ କୌଣସି ବସ୍ତି ଉଚ୍ଛେଦ ହେବ ନାହିଁ ବୋଲି ନିଷ୍ପତ୍ତି ହେଲା । ଲୋକଙ୍କୁ ସୁବିଧାରେ ନରଖିବା ପର୍ଯ୍ୟନ୍ତ ବସ୍ତି ଉଚ୍ଛେଦ ହେବ ନାହିଁ । ମେୟର ମଧ କେତେ ଗୁଡିଏ ସମସ୍ୟା ଉଠାଇଲେ, ସେଗୁଡିକ ସମାଧାନ ହେଲା । ସେଥିପାଇଁ ତାଙ୍କୁ ଧନ୍ୟବାଦ ଜଣାଇଅଛି । ମୋର ଜରୁରୀ କାର୍ଯ୍ୟ ଥିବାରୁ ମୁଁ ଯାଉଅଛି କହି ବକ୍ତବ୍ୟ ଶେଷ କରିଯାଇଥିଲେ ।

ମାନ୍ୟବର ମନ୍ତ୍ରୀ-ତଥା-ଏକାମ୍ର ନିର୍ବାଚନ ମଣ୍ଡଳୀ ବିଧାୟକ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ବୈଠକରେ ପହଁଞ୍ଚି ଥିଲେ । ତାଙ୍କୁ କର୍ପୋରେସନ ତରଫରୁ କରତାଳି ଦେଇ ସ୍ୱାଗତ କରାଯାଇଥିଲା ।

ସଭାପତି ତାଙ୍କ ପ୍ରାରମ୍ଭିକ ଭାଷଣରେ କହିଥିଲେ ଯେ ରାଜ୍ୟ ସରକାର ଆଉ ଗୋଟିଏ Add Standing Committee on "Slum Settlement" ଅନୁମୋଦନ କରିଛନ୍ତି । ଏଥିପାଇଁ ସଭ୍ୟ/ସଭ୍ୟା ନିର୍ବାଚନ ତା ୮.୫.୨୦୧୫ ରିଖରେ ହେବ । ଗତ ତା ୭.୪.୨୦୧୫ ରିଖରେ ଭୁବନେଶ୍ୱର ମହାନଗର ନିଗମର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା । ଏହି ବୈଠକରେ ମାନ୍ୟବର ମନ୍ତ୍ରୀ, ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ, ମୁଖ୍ୟ ଶାସନ ସଚିବ ଓ ବହୁ ଅଧିକାରୀ ଉପସ୍ଥିତ ଥିଲେ । ଏହି ବୈଠକରେ ୧୮ ଗୋଟି ବିଷୟରେ ଆଲୋଚନା ହୋଇଥିଲା । ଯଥା - ରାଜୀବ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ପରିବାରଙ୍କୁ ଉଚ୍ଛେଦ କରାଗଲେ ସେମାନଙ୍କୁ ରଖିବା ପାଇଁ ୨୦୦ ଗୋଟି ଟ୍ରାଞ୍ଜିଟ୍ ହାଉସ୍ ନିର୍ମାଣ କରାଯିବ । ଏଠାରେ ପାଇଖାନା ଓ ସ୍ୱେରେଜ ବ୍ୟବସ୍ଥା ରହିବ । ନିଗମାଞ୍ଚଳରେ ବହୁ ଗୋରୁଗାଈ ବୁଲୁଛନ୍ତି, ସେଥିପାଇଁ ଏକ ଛୋଟ କାଞ୍ଜିଆହୁଦା ଅଛି । ସେଠାରେ ଖୁବ୍ କମ୍ ଗୋରୁଗାଈ ରହୁଛନ୍ତି । ଆହୁରି କାଞ୍ଜିଆହୁଦା ଆବଶ୍ୟକତା ଥିବାରୁ ଜିଲାପାଳ, ଖୋର୍ଦ୍ଧା ୫ ଏକର ଏବଂ ସାଧାରଣ ପ୍ରଶାସନ ବିଭାଗ ୨ ଏକର ଜମି ନିଗମକୁ ଦେବେ । ଆସନ୍ତା ବର୍ଷା ଋତୁ ପୂର୍ବରୁ ମୁଖ୍ୟନାଳ ଗୁଡିକ ଡ୍ରେନେଜ୍ ଡିଭିଜନ ସଫା କରିବେ । ଯେଉଁଠାରେ ବ୍ୟକ୍ତିଗତ ଜାଗା ଅଛି Land for land ପଲିସି ମାଧ୍ୟମରେ ଡ୍ରେନ୍ କରାଯିବ । ସ୍ୱେରେଜ କାର୍ଯ୍ୟ ଠିକ୍ ସମୟରେ ସରିବ ବୋଲି Jica କହିଛନ୍ତି । ବର୍ଷକୁ ପ୍ରାୟ ୧୨୦୦୦ କୁକୁର ବନ୍ଧ୍ୟାକରଣ କରାଯିବ । ସେଥିପାଇଁ ଆଉ ଗୋଟିଏ Birth Control unit ପାଇଁ ଆବଶ୍ୟକ ଜାଗା ସରକାର ଯୋଗାଇ ଦେବେ । ନିଗମ ପ୍ରବେଶ କର ଯେତେ ପରିମାଣରେ ପାଉଛନ୍ତି । ସରକାର ଏହାକୁ ବୃଦ୍ଧି କରିବା ପାଇଁ ପଦକ୍ଷେପ ନେଉଛନ୍ତି । Property tax ଗତ ବିଧାନସଭାରେ ପଢି ପାରିନଥିବାରୁ ଏହା ଉପରେ ଅଧ୍ୟାଦେଶ ମାଧ୍ୟମରେ ଲାଗୁ କରାଯିବ । Urban Cader final ହେବା ଉପରେ ଅଛି, ଟେଲିଫୋନ କମ୍ପାନୀମାନେ cable ତାର ବିଛାଇବା ପାଇଁ ଯେଉଁ ସଂସ୍ଥା ଅଧିନରେ ରାସ୍ତା ଥିବ ତାଙ୍କ ଠାରୁ N.O.C. ନେବେ । ରାଜ୍ୟ ସରକାର ପୂର୍ତ୍ତ ବିଭାଗ Nodal Head ରହିବେ । ବର୍ଜ୍ୟବସ୍ତୁ ପରିଚ୍ଳନା ଏବଂ ବିଦ୍ୟୁତ ପ୍ଲାଣ୍ଟ ପାଇଁ ୧୨ ଏକର ଜାଗା ଜିଲ୍ଲାପାଳ, ଖୋର୍ଦ୍ଧା ଦେବେ । ବହୁତଳ ପାର୍କିଂ ନିମନ୍ତେ ଭୁବନେଶ୍ୱର ମହନଗର ନିଗମ ଏବଂ ସାଧାରଣ ପ୍ରଶାସନ ବିଭାଗ ମିଳିତ ଭାବେ ସ୍ଥାନ ନିରୂପଣ କରିବେ । ହୋଟେଲକଳିଙ୍ଗ ଅଶୋକ ଓ ମ୍ୟୁଜିୟମ ପ୍ରାଚୀର ବଙ୍ଗା ଯାଇ ରାସ୍ତା ପ୍ରଶସ୍ତିକରଣ କରାଯିବ । ଏକ ନମ୍ବର ହାଟ ପାଇଁ କ୍ୱାଟର ଖାଲି କରିବା ପାଇଁ ପୋଲିସ କମିଶନରଙ୍କୁ ଦାୟିତ୍ୱ ଦିଆଯାଇ ଅଛି । ଯେକୌଣସି ସଂସ୍ଥା/ ବ୍ୟକ୍ତି Govt.land ରେ ଯେକୌଣସି ଉତ୍ସବ ନିମନ୍ତେ ନିଗମର ଅନୁମତି ନେବେ ଏବଂ user fee ନିଗମକୁ ଦେବେ । ଦେଶର

ଅନ୍ୟାନ୍ୟ ମହାନଗର ନିଗମରେ ମେୟର, ଡେପୁଟି ମେୟର, ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ୍, କର୍ପୋରେଟରମାନେ ଯେଉଁଭଳି ଆର୍ଥିକ ସୁବିଧା ପାଉଛନ୍ତି ଅନୁଧାନ କରି ସେହିଭଳି କରିବା ପାଇଁ ପଦକ୍ଷେପ ନିଆଯାଉ ଅଛି । ରାଜ୍ୟ ସରକାରଙ୍କ ଜନସ୍ୱାସ୍ଥ୍ୟ ବିଭାଗର ନିରୀକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀମାନେ ଅଛନ୍ତି । ଜନସ୍ୱାସ୍ଥ୍ୟ ବିଭାଗ ଏବଂ ପୂର୍ତ୍ତ ବିଭାଗ ଯେଉଁ କାର୍ଯ୍ୟ କରୁଛନ୍ତି, ସେଠାରୁ ବାହାରୁଥିବା Debris ଗୁଡିକ ସଫା କରିବେ । ଯଦି ସେମାନେ ସଫା ନକରନ୍ତି, ତେବେ ମହାନଗର ନିଗମ ସଫା କଲେ ସଂପୃକ୍ତ ସଂସ୍ଥାମାନେ ଏଥିପାଇଁ ଖର୍ଚ୍ଚ ହୋଇଥିବା ଅର୍ଥ ନିଗମକୁ ପଇଠ କରିବେ । ରାସ୍ତା ନିର୍ମାଣ କରୁଥିବା ଅଥରିଟିମାନେ ନୂଆ ରାସ୍ତା ନିର୍ମାଣ ସମୟରେ ଅଟକଳରେ ବିଦ୍ୟୁତ୍ ବ୍ୟବସ୍ଥା ରଖିବେ । । ରାସ୍ତା ନିର୍ମାଣ ସରିଲା ପରେ ରାସ୍ତାଲାଇଟ କାର୍ଯ୍ୟ ପାଇଁ ଥିବା ଅର୍ଥ ନିଗମକୁ ପଇଠ କରିବେ । ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ନିର୍ମାଣ ହେଉଥିବା ଗୃହ ଗୁଡିକର ପ୍ଲାନ ଅନୁମୋଦନ ମାହନଗର ନିଗମ ଏଣିକି କରିବେ । ସଲିଆ ସହିରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ନଗର ଉନ୍ନୟ  ବିଭାଗ ସଚିବ ଏବଂ ଜଙ୍ଗଲ ବିଭାଗ ସଚିବଙ୍କ ସହିତ ଆଲୋଚନା ହୋଇଅଛି । ସେହି ଓ୍ୱାର୍ଡ ପାଇଁ ବ୍ୟବସ୍ଥା ଥିବା ଅର୍ଥ ଜଙ୍ଗଲ ବିଭାଗକୁ ଦେଲେ ସେମାନେ ସେଠାରେ ଉନ୍ନୟନ ମୂଳକ କାର୍ଯ୍ୟ କରିବେ ବୋଲି କହି ତାଙ୍କର ବକ୍ତବ୍ୟ ଶେଷ କରିଥିଲେ।

ସଭାପତିଙ୍କ ଅନୁମତି କ୍ରମେ କମିଶନର ତାଙ୍କ ଭାଷଣରେ ମାନ୍ୟବର ମନ୍ତ୍ରୀ, ମେୟର, ଡେପୁଟି ମେୟର, କର୍ପୋରେଟର, ଅତିରିକ୍ତ କମିଶନର, ଷ୍ଟାଣ୍ଡିଂ କମିଟି, ଚେୟାରପରସନ ଓ ଅନ୍ୟାନ୍ୟ ଅଧିକାରୀଙ୍କୁ ସ୍ୱାଗତ ଜଣାଇ କହିଥିଲେ ଯେ, ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଥିବା ମୁଖ୍ୟ ନାଳ ଗୁଡିକ ସଫା କରାଯିବ । ଯେଉଁଠାରେ ବ୍ୟକ୍ତିଗତ ଜମି ଅଛି, ସେଠାରେ ଡ୍ରେନ୍ ନିର୍ମାଣ କରାନଯାଇ ମାଟି ଖୋଲି ନାଳ କରାଯିବା ଆବଶ୍ୟକ ହେଲେ ଜମି ପାଇଁ ଜମି ବ୍ୟବସ୍ଥା କରି ନାଳ ନିର୍ମାଣ କରାଯିବ । ସରକାର ଭୁବନେଶ୍ୱର ମହାନଗର ନିଗମାଂଚଳ ପାଇଁ ଏକ Drinage Sub-Division ଗଠନ କରି ଭୁବନେଶ୍ୱର ମହାନଗର ନିଗମକୁ ହସ୍ତାନ୍ତର କରିବେ ଏବଂ ସେମାନେ ମହାନଗର ନିଗମ ଅଧିନରେ ରହିବେ ଏବଂ ଏହା ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବ । ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ କେବୁଲ୍ ତାର ବିଛାଇବା ଓ ଟାୱାର୍ ନିର୍ମାଣ ନିମନ୍ତେ Single Window ମାଧମରେ ଆବେଦନ କରିବେ । ନିଗମରେ ପ୍ଲାନିଂ ସେଲ୍ ସଂପୂର୍ଣ୍ଣ କାର୍ଯ୍ୟ କରିବ ଏବଂ Eviction Squard  ମଧ ନିଗମକୁ ଆସିବ । ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଥିବା ଗୃହ ଗୁଡିକର ଗୃହ ଟିକସଦାତାମାନେ Online ମାଧମରେ ପଇଠ କରିବେ । ତା ୩୦.୬.୨୦୧୫ ରିଖ ସୁଦ୍ଧା userfee ଆଦାୟ କରାଯିବ । ରାଜ୍ୟ ସରକାର Kine house ପାଇଁ ୫ ଏକର ଜମି ଦେବେ । ଏକ ନମ୍ବର ହାଟ ଆମର ଏକ ବଡ ପ୍ରୋଜେକ୍ଟ । ପୋଲିସ୍ କର୍ମଚ୍ଚରୀମାନେ କ୍ୱାଟର ଖାଲି ନକରିବାରୁ ଏହି କାର୍ଯ୍ୟ ହୋଇପାରୁନାହିଁ । ତେଣୁ ପୋଲିସ କମିଶନରଙ୍କୁ ଘର ଖାଲି କରିବା ପାଇଁ ଦାୟିତ୍ୱ ଦିଆଯାଇଅଛି ବୋଲି କହି ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ଦେବୀ ପ୍ରସାଦ ନନ୍ଦ କହିଥିଲେ ଯେ, ମୋ ଓ୍ୱାର୍ଡରେ ଜଣେ ବ୍ୟକ୍ତି ଡ୍ରେନ୍ ଉପରେ ଘର ତିଆରି କରିଛନ୍ତି ଏବଂ ନାଳ ବ୍ୟବସ୍ଥା ନକରି ରାସ୍ତାକୁ ଉଚ୍ଚା କରି ଦେଇଛନ୍ତି । ଫଳରେ ପାଣି ନିଷ୍କାସନ ହୋଇପାରୁନାହିଁ । ଏହା ଉପରେ ପଦକ୍ଷେପ ନେବା ପାଇଁ ଦାବି କରିଥିଲେ । ଏହାକୁ ଉଚ୍ଛେଦ କରିବା ପାଇଁ କମିଶନର ନିଗମର D.C. Recovery ଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ଦେବାଶିଷ ସିଟ୍ କହିଥିଲେ ଯେ, ମୋ ଓ୍ୱାର୍ଡରେ ନାଳ ଉପରେ କ୍ୟାବିନ୍ ପକାଇଛନ୍ତି ଏବଂ ନାଳ ଓ ରାସ୍ତା ଉପରେ ବାଲି ଗୋଡି ଜମା କରିଛନ୍ତି । ଫଳରେ ପାଣି ନିଷ୍କାସନ ହୋଇପାରୁନାହିଁ । ଏହା ଉପରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସଭାପତି ନିଗମର D.C. Recovery ଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ସେଖ୍ ନିଜାମ୍ ଉଦ୍ଦିନ୍ କହିଥିଲେ ଯେ, ଗତ ବର୍ଷ ୨୦ କୋଟି ଟଙ୍କା ଗୃହ ଟିକସ ଆଦାୟ ହୋଇଥିଲା । ଏବଂ ଏ ବର୍ଷ ଆଉ ୫ କୋଟି ଅଧିକ ଆଦାୟ କରି ୨୫ କୋଟିରେ ପହଁଞ୍ଚିଛି ଏବଂ ଲାଇସେନରୁ ୩.୫୦ କୋଟି ଟଙ୍କା ଅଧିକ ପାଇଅଛେ । ଚଳିତ ବର୍ଷ ଗୃହ ଟିକସ ଏବଂ ଲାଇସେନ୍ସ ଫି ଆଦାୟ ବୃଦ୍ଧି ପାଇଥିବାରୁ କର୍ପୋରେସନ ତରଫରୁ କମିଶନର, D.C. Revenue, ଟ୍ୟାକ୍ସେସନ, ଫାଇନାନ୍ସ ଆଣ୍ଡ ଆକାଉଣ୍ଟସ୍ ଷ୍ଟାଣ୍ଡିଂ କମିଟିର ସମସ୍ତ ସଭ୍ୟା ଓ ଚେୟାରମ୍ୟାନଙ୍କୁ ଧନ୍ୟବାଦ ଦିଆଯାଇଥିଲା । ପୁନରବାର କର୍ପୋରେଟର ଶେଖ୍ ନିଜାମଉଦ୍ଦିନ୍ କହିଥିଲେ ଯେ ନିଗମର ବହୁ କର୍ମଚ୍ଚରୀ ଅବସର ପରେ କ୍ୱାଟର ଛାଡୁ ନାହାଁନ୍ତି । ସେମାନଙ୍କ ଠାରୁ ମାର୍କେଟ ରେଟ୍‌ରେ ୧୦ ଗୁଣ ବୃଦ୍ଧି କରି ଅର୍ଥ ଆଦାୟ କରାଯାଉ ବୋଲି କହିଥିଲେ । ଏହା ଉପରେ ଆଲୋଚନା କରାଗଲା । ଯେଉଁ କର୍ମଚ୍ଚରୀମାନେ କ୍ୱାଟର / ସ୍ଲମ୍ କ୍ୱାଟର ଛାଡି ନାହାଁନ୍ତି, ସେମାନଙ୍କ ଠାରୁ ମାର୍କେଟ ରେଟ୍‌ରେ ୧୦ ଗୁଣ ବୃଦ୍ଧି କରାଯାଇ ଅର୍ଥ ଆଦାୟ କରାଯିବ ଏବଂ ଆବଶ୍ୟକ ହେଲେ ତାଙ୍କୁ  ନୋଟିସ୍ ଦେଇ ଗୃହଗୁଡ଼ିକୁ ନିଗମ ଦ୍ୱାରା ତାଲା ପକାଇବା ପାଇଁ ନିଗମର D.C. Establishment ଏବଂ D.C. Recovery ଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଗଲା ।

IDCO ତାଙ୍କ ପତ୍ର ସଂଖ୍ୟା-୨୭୮୫, ତା ୭.୨.୨୦୧୧ ରିଖରେ ଏବଂ ରାଜ୍ୟ ସରକାରଙ୍କ ପତ୍ର ସଂଖ୍ୟା-୧୧୧୭୨, ତା ୩.୫.୨୦୧୧ ରିଖ ଅନୁଯାୟୀ ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଥିବା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ ଅଞ୍ଚଳରେ ସଫେଇ ଓ ପରିମଳ ଏବଂ ରାସ୍ତାଲୋକ ଆଦି ସେବା ଯୋଗାଇ ଦେଇ ସେଠାରେ ଥିବା ଗୃହ ଗୁଡିକରୁ ଗୃହ ଟିକସ ଆଦାୟ କରୁଥିଲେ । IDCO ତାଙ୍କ ପତ୍ର ସଂଖ୍ୟା-୫୩୨୫, ତା ୧୩.୩.୨୦୧୫ ରିଖରେ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ ଅଞ୍ଚଳରୁ ଗୃହ ଟିକସ ଦେବା ପାଇଁ ବାଧ ନୁହେଁ ବୋଲି ଜଣାଇଛନ୍ତି । ଏହା ଉପରେ ଆଲୋଚନା କରାଗଲା । ଏ ବିଷୟରେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହେଲା ।

ମାନ୍ୟବର ମନ୍ତ୍ରୀ କହିଥିଲେ ଯେ, ନିଗମାଞ୍ଚଳରେ ଥିବା ପୁରୁଣା ଘର ତଥା ଯେଉଁ ଗୁଡିକ BDA ଦ୍ୱାରା ପ୍ଲାନ ଅନୁମୋଦନ ହୋଇନାହିଁ ସେହି ଘରଗୁଡିକୁ ପାଣି ଲାଇନ୍ ସଂଯୋଗ ଦେବା ପାଇଁ ନିରୀକ୍ଷଣ ଯନ୍ତ୍ରୀ ଜନସ୍ୱାସ୍ଥ୍ୟ ବିଭାଗଙ୍କୁ କହିଥିଲେ ।

ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଥିବା two Stored building ପ୍ଲାନ ଅନୁମୋଦନ ହୋଇ ନଥିଲେ ମଧ ପାଣି ପାଇପ୍ ଲାଇନ୍ ଦିଆଯାଉଅଛି ବୋଲି ଜନସ୍ୱାସ୍ଥ୍ୟ ବିଭାଗର ନିରୀକ୍ଷଣ ଯନ୍ତ୍ରୀ କହିଥିଲେ ଏବଂ ନିଗମାଞ୍ଚଳରେ ଥିବା ପ୍ରତ୍ୟେକ ବସ୍ତିରେ ଥିବା ୨୫ ଗୋଟି ଗୃହକୁ ଗୋଟିଏ Stand post ବ୍ୟବସ୍ଥା କରାଯାଇ ପ୍ରାୟ ୭ କୋଟି ଟଙ୍କାର ଅଟକଳ ପ୍ରସ୍ତୁତ କରାଯାଇଅଛି । ଏହି ଅର୍ଥ ବ୍ୟବସ୍ଥା କରାଗଲେ Stand post କରିବା ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଥିଲେ । ଉକ୍ତ ଅର୍ଥର ୫୦% ଅର୍ଥ ନିଗମ ବହନ କରିବେ ଏବଂ ଅବଶିଷ୍ଟ ଅର୍ଥ ରାଜ୍ୟ ସରକାର ବହନ କରିବା ପାଇଁ ଅନୁରୋଧ କରିବା ନିମନ୍ତେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ହରେକୃଷ୍ଣ ନାୟକ କହିଥିଲେ ଯେ, ସଫେଇ ଓ ପରିମଳ, କାର୍ଯ୍ୟ ବର୍ଜ୍ୟବସ୍ତୁ ସଂଗ୍ରହ ଓ ପରିବହନ ନିମନ୍ତେ ଠିକା ନେଇଥିବା ରାମକି ସଂସ୍ଥା ଠିକ୍ ଭାବରେ କାମ କରୁନାହିଁ । ଫଳରେ ଆମେ ତଥା ନିଗମ ବଦ୍‌ନାମ ହେଉଅଛି, ତାଙ୍କ ଚୁକ୍ତିପତ୍ର ରଦ୍ଦ (Cancel) କରାଯାଉ ଏବଂ ତାଙ୍କୁ କଳା ତାଲିକାଭୁକ୍ତ କରିବା ପାଇଁ ଦାବି କରିଥିଲେ । ତାଙ୍କୁ କର୍ପୋରେଟର ଶ୍ରୀ ଦେବୀ ପ୍ରସାଦ ମଲ୍ଲିକ. ଶ୍ରୀ ଅମରେଶ ଜେନା, ଶ୍ରୀ ବିରଞ୍ଚି ନାରାୟାଣ ମହାସୁପକାର, ଶ୍ରୀ ଶ୍ରୀଧର ବେହେରା, ଶ୍ରୀମତୀ ପ୍ରତୀନନ୍ଦା ରାଉତରାୟ ଆଦି ସମର୍ଥନ କରିଥିଲେ । ଏହା ଉପରେ ବହୁ ଆଲୋଚନା କରାଗଲା ଏବଂ ଗୃହରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ରାମକି ଇନ୍‌ଭାରୋ ପ୍ରାଇଭେଟ୍ ଲିମିଟେଡ୍ ନେଇଥିବା ପ୍ୟାକେଜ୍ - ୧ ୱାର୍ଡ ଗୁଡିକର ସଫେଇ ଓ ପରମଳ, ବର୍ଜ୍ୟବସ୍ତୁ ସଂଗ୍ରହ ଓ ପରିବହନ କାର୍ଯ୍ୟ ସନ୍ତୋଷଜନକ ହେଉନଥିବାରୁ ସ୍ୱାସ୍ଥ୍ୟ ଅଧିକାରୀଙ୍କର ରିପୋର୍ଟ ଉପରେ କମିଶନର ତାଙ୍କୁ ୧୫ ଦିନିଆ ସୋ କଜ୍ ରିପୋର୍ଟ ମାଗିବେ । ଏହା ସନ୍ତୋଷଜନକ ନହେଲେ ତାଙ୍କ ସହିତ ହୋଇଥିବା ଚୁକ୍ତିପତ୍ର ରଦ୍ଦ କରାଯିବା ପାଇଁ ପଦକ୍ଷେପ ନିଆଯିବ ଏବଂ ଏହି ୱାର୍ଡର ସଫେଇ ଓ ପରମଳ, ବର୍ଜ୍ୟବସ୍ତୁ ସଂଗ୍ରହ ଓ ପରିବହନ କାର୍ଯ୍ୟ ନିଗମ କର୍ମଚ୍ଚରୀଙ୍କ ଦ୍ୱାରା କରାଯିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ପ୍ରତୀନନ୍ଦା ରାଉତରାୟ କହିଥିଲେ ଯେ, ଭୁବନେଶ୍ୱର ମହାନଗର ନିଗମାଂଚଳରେ ବୃକ୍ଷ ରୋପଣ କାର୍ଯ୍ୟ OFDC ମାଧ୍ୟମରେ କରାଯାଉଥିଲା । ଗଛ ଗୁଡିକ ଠିକ୍ ଭାବରେ ବଞ୍ଚୁନାହିଁ । ଆସନ୍ତା ବର୍ଷ BMC ଦ୍ୱାରା କରାଯାଉ ବୋଲି ଦାବି କରିଥିଲେ ।

ଏହା ଉପରେ ଗୃହରେ ଉଦ୍‌ବେଗ ପ୍ରକାଶ ପାଇଥିଲା । OFDC ସହିତ ହୋଇଥିବା ଚୁକ୍ତିପତ୍ର ଅନୁଯାୟୀ ଯେତିକି ଗଛ ବଂଚିଛି ଏବଂ ଯେଉଁଭଳି ଉଚ୍ଚତା ହେବା କଥା ସେହିଭଳି ହୋଇଛି କି ନାହିଁ, କେଉଁ ୱାର୍ଡରେ କେତେ ଗଛ, ବଂଚିଛ ତାହାର Report ଦେବା ପରେ Report କୁ ଭିତ୍ତିକରି ତାଙ୍କର ଦେୟ ପଇଠ କରାଯିବ । ଅସନ୍ତା ବର୍ଷା ଋତୁରେ ବୃକ୍ଷ ରୋପଣ କାର୍ଯ୍ୟ OFDC ମାଧ୍ୟମରେ କରାନଯାଇ BMC ଦ୍ୱାରା ପ୍ରତ୍ୟେକ ୱାର୍ଡରେ ୧୦୦ ଗୋଟି ଗଛ Tree guard ସହିତ ଲଗା ଯିବ ଏବଂ ତିନି ବର୍ଷ ପର୍ଯ୍ୟନ୍ତ ପାଣି ଦିଆଯିବ । ରାସ୍ତା ନିର୍ମାଣ ସମୟରେ ଗଛ ମୂଳ ପର୍ଯ୍ୟନ୍ତ ସିମେଣ୍ଟ କଂକ୍ରିଟ୍ କରି ଦିଆଯାଇ ଥିବାରୁ ପାଣି ମାଟି ତଳକୁ ଯାଉନାହିଁ ଏବଂ ଗଛ ମଧ ଫୁଲୁ ନାହିଁ କିମ୍ବା ଭଲ ବଢୁ ନାହିଁ ।ରାସ୍ତା ନିର୍ମାଣ ସମୟରେ ଗଛ ଚତୁପାର୍ଶ୍ୱରେ ମନ୍ଦା (ଚାରି ପାଖରେ କିଛି ଅଂଶ ଛାଡି) ରାସ୍ତା ନିର୍ମାଣ କରିବା ପାଇଁ ରାସ୍ତା ନିର୍ମାଣକାରୀ ସଂସ୍ଥା R &B ପୂର୍ତ୍ତ ବିଭାଗ, ଜାତୀୟ ରାଜପଥ କର୍ତ୍ତୃପକ୍ଷକୁ ପତ୍ର ମାଧ୍ୟମରେ ଅନୁରୋଧ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହେଲା ।

ଆସନ୍ତା ମାସ ବୈଠକରେ ରାଜ୍ୟସରକାରଙ୍କ ପୂର୍ତ୍ତ ବିଭାଗର ଯନ୍ତ୍ରୀମାନେ କର୍ପୋରେସନ ବୈଠକରେ ଉପସ୍ଥିତ ରହିବାପାଇଁ ମୁଖ୍ୟଯନ୍ତ୍ରୀ ପୂର୍ତ୍ତ ବିଭାଗକୁ ଅନୁରୋଧ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହେଲା ।

ପ୍ରସ୍ତାବ -୧ 'ଗତ ତା ୨୭.୨.୨୦୧୫ ରିଖ ସାଧାରଣ ବୈଠକ ବିବରଣୀ ଦୃଢୀକରଣ :-

ନିର୍ଦ୍ଧାରଣ-୧. ଗତ ତା ୨୭.୨.୨୦୧୫ ରିଖ ସାଧାରଣ ବୈଠକ ବିବରଣୀ ସର୍ବସମ୍ମତି କ୍ରମେ ଦୃଢୀକରଣ କରାଗଲା ।

ପ୍ରସ୍ତାବ -୨. ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ମାନଙ୍କ ଠାରୁ ମିଳିଥିବା ପ୍ରଶ୍ନ :-

ଶ୍ରୀ ହୃଦୟ ବଲ୍ଲଭ ସାମନ୍ତରାୟ, ୱାର୍ଡ ନମ୍ବର -62

ପ୍ରଶ୍ନ -୨(୧). ମେୟର ମହୋଦୟ ଗୃହକୁ ଜଣାଇବେ କି, ଭୁବନେଶ୍ୱର ମହାନଗର ନିଗମ ପରିଚ୍ଚଳିତ କର୍ମଜୀବୀ ମହିଳା ଆବାସରେ କେତେ ଗୋଟି ରୁମ୍ ଅଛି, ସେହି ରୁମ୍‌ରୁ ମାସକୁ କେତେ ଭଡା ଆଦାୟ ହୋଇଅଛି ?

ଉତ୍ତର -୨(୧). ଭୁବନେଶ୍ୱର ମହାନଗର ନିଗମ ପରିଚ୍ଚଳିତ କର୍ମଜୀବୀ ମହିଳା ଆବାସରେ ୪୮ ଗୋଟି ରୁମ୍ ଅଛି । ସେହି ରୁମ୍‌ରୁ ମାସକୁ ହାରାହାରି ଟ. ୩୨,୦୦୦/- (ବତିଶ ହଜାର ଟଙ୍କା) ମାତ୍ର ଆଦାୟ ହେଉଅଛି ।

ଅତିରିକ୍ତ ପ୍ରଶ୍ନରେ ପ୍ରଶ୍ନକର୍ତ୍ତା ଜାଣିବାକୁ ଚାହିଁଥିଲେ ଯେ, ରୁମ୍ ପିଛା କେତେ ଟଙ୍କା ଆଦାୟ ହେଉଅଛି ଏବଂ Bed ପିଛା କେତେ ଆଦାୟ ହେଉଅଛି । ଜଣେ କେତେ ବର୍ଷ ରହି ପାରିବ । ସଭାପତିଙ୍କ ଅନୁମତି କ୍ରମେ D.C. Recovery କହିଥିଲେ Bed ପିଛା ଟ.୩୦୦/- ଏବଂ Single Room Bed ପାଇଁ ଟ. ୫୦୦/- ଅଛି ଓ ଜଣେ ବ୍ୟକ୍ତି ୫ ବର୍ଷ ପାଇଁ ରହି ପାରିବେ । କିନ୍ତୁ ସେଠାରେ ପ୍ରାୟ ୧୨ ବର୍ଷ ହେବ ରହିଲେଣି । ଏହା ଉପରେ ଆଲୋଚନା କରାଗଲା । ଏହି ଦର ଦୀର୍ଘ ଦିନ ହେବ ବୃଦ୍ଧି କରାଯାଇନଥିବାରୁ Bed ପିଛା ଟ. ୩୦୦/- ରୁ ଟ. ୫୦୦/- ଏବଂ Single Room Bed ପିଛା ଟ.୫୦୦/- ରୁ ଟ.୭୫୦/- କୁ ବୃଦ୍ଧି କରାଗଲା । ଯେଉଁମାନେ ୫ ବର୍ଷରୁ ଅଧିକ ଦିନ ଅଛନ୍ତି । ତାହାର ରିପୋର୍ଟ ଅତିରିକ୍ତ କମିଶନର ଏବଂ D.C. Recovery ଦେବେ । ତାହା ଉପରେ ମାନ୍ୟବର ମେୟର ପଦକ୍ଷେପ ନେବେ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହେଲା।

ପ୍ରଶ୍ନ-୨(୨). ମେୟର ମହୋଦୟ ଗୃହକୁ ଜଣାଇବେ କି,ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ କେତେ ଗୋଟି ଉଦ୍ୟାନ ଫେସ୍ ଅଛି, ସେହି ଉଦ୍ୟାନ୍ ଫେସ୍ କାହା ଦ୍ୱାରା ଆବଣ୍ଟନ କରାଯାଇଅଛି ଓ ବି.ଏମ୍.ସି. କେତେ ଟିକସ ଆଦାୟ କରୁ ଅଛି ?

ଉତ୍ତର -୨(୨). ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ୧୧ ଗୋଟି ଉଦ୍ୟାନ ଫେସ ଅଛି । ସେ ଗୁଡିକରୁ ବାର୍ଷିକ ଟ. ୬୦୦/- ହିସାବରେ ଟ୍ରେଡ୍ ଲାଇସେନ୍ସ ଫି ଆଦାୟ କରାଯାଉଅଛି । ଏ ଗୁଡିକ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ଆବଣ୍ଟନ କରାଯାଇଅଛି । ଏହାର ଏକ କପି ସଂଲଗ୍ନ କରାଗଲା ।

ପ୍ରଶ୍ନକର୍ତ୍ତା କହିଥିଲେ ଯେ, ଉଦ୍ୟାନ ଫେସ୍ ଉପରେ ବି ଜ୍ଞାପନ ଲଗାଇ ସଂପୃକ୍ତ ସଂସ୍ଥା ବହୁ ଅର୍ଥ ଆଦାୟ କରୁଅଛି । କିନ୍ତୁ ନିଗମକୁ ଏଥିପାଇଁ ଅର୍ଥ ଦେଉନାହିଁ । ଉକ୍ତ ଜାଗା ସାଧାରଣ ପ୍ରଶାସନର ହୋଇଥିବାରୁ ଏ ବିଷୟ ସାଧାରଣ ପ୍ରଶାସନ ବିଭାଗକୁ ଲେଖା ଯିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହେଲା ।

<u>ଶ୍ରୀ କୁମାରେନ୍ଦ୍ର ମହାପାତ୍ର, ୱାର୍ଡ ନମ୍ବର -31</u>

ପ୍ରଶ୍ନ -୨(୩). ମେୟର ମହୋଦୟ ଗୃହକୁ ଜଣାଇବେ କି, ୱାର୍ଡ ନଂ- ୩୧ ଅଞ୍ଚଳସ୍ଥିତ ବମିଖାଲ ମୌଜା ପ୍ଲଟ ନଂ- ୬/୩୯୨୫, ୭, ୨୯, ୩୦, ୩୧/୩୮୦୮, ୩୨/୧୮୭୦/୩୮୨୩, ୩୩ କୁ M/s. Safari Retreats Pvt. Ltd. କୁ Multi Stored Commercial Building କରିବାକୁ ବି.ଏମ୍.ସି. ତରଫରୁ ଅନୁମତି ପତ୍ର ନଂ- ୭୧୮୮, ତା ୨୪.୩.୨୦୧୨ ରିଖରେ ଦିଆଯାଇଥିଲା । କିନ୍ତୁ ନିଜ ଜାଗା ସହିତ ସରକାରୀ ଜାଗାର ନିର୍ମାଣ କାର୍ଯ୍ୟ କରୁଅଛି, ବି.ଏମ୍.ସି. ତରଫରୁ ଅନୁମତି ଦିଆଯାଇଅଛି କି, ଯଦି ଦିଆଯାଇନାହିଁ ସେହି ଜାଗାକୁ ତୁରନ୍ତ ଜବରଦଖଲ ମୁକ୍ତ କରିବା ପଦକ୍ଷେପ ନେବେ କି ?

ଉତ୍ତର -୨(୩). M/s. Safari Retreats Pvt. Ltd. ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ- ୩୧ ରେ ଥିବା ବମିଖାଲ ମୌଜା ପ୍ଲଟ ନଂ- ୬/୩୯୨୫, ୭, ୨୯, ୩୦, ୩୧/୩୮୦୮, ୩୨/୧୮୭୦/୩୮୨୩, ୩୩ରେ ବହୁତଳ ପ୍ରାସାଦ ନିର୍ମାଣ ନିମନ୍ତେ NOC ପାଇଁ ଆବେଦନ କରିଥିଲେ । ତଦନୁସାରେ M/s. Safari Retreats Pvt. Ltd. BMC ରେ Rs. 1,37,87,310/- Periphery Development Charges ଦାଖଲ କରି ପତ୍ର ସଂଖ୍ୟା- 7 88 dtd. 24.3.2012 ରେ BMC ରୁ NOC ହାସଲ କରିଛନ୍ତି । କିନ୍ତୁ ସେହି ସଂସ୍ଥା ସରକାରୀ ଜମି ଅବରୋଧ ତଥା ଜବରଦଖଲ କରୁଥିଲେ BMC Land Section ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଉକ୍ତ ଜାଗାକୁ ତୁରନ୍ତ ଦଖଲମୁକ୍ତ କରିବା ଏବଂ ସେହି ସ୍ଥାନକୁ ମାଛ ବ୍ୟବସାୟୀ ମାନଙ୍କୁ ସ୍ଥାନାନ୍ତର କରିବା ପାଇଁ ଦାବୀ କରିଥିଲେ । ଏହା ଉପରେ ପଦକ୍ଷେପ ନେବା ପାଇଁ D.C. Recovery ଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଗଲା ।

<u>ଶ୍ରୀ ରଘୁନାଥ ମହାନ୍ତି, ୱାର୍ଡ ନମ୍ବର -63</u>

ପ୍ରଶ୍ନ -୨(୪). ମେୟର ମହୋଦୟ ଗୃହକୁ ଜଣାଇବେ କି, ୱାର୍ଡ ନଂ-୬୩ରେ ୬ ଟି ଆପାର୍ଟମେଣ୍ଟ କାମ ଚାଲି ଅଛି । କେଉଁ ଆପାର୍ଟମେଣ୍ଟ କେତେ ଟଙ୍କା ମହାନଗର ନିଗମକୁ ଦେଇଛନ୍ତି ଗୃହକୁ ଜଣାଇବେ କି ?

ଉତ୍ତର -୨(୪). BMC ଅଧିନରେ ଥିବା ପୁରୁଣା ୱାର୍ଡ ନଂ- ନଂ-୨୯ ଓ ନୂଆ ୱାର୍ଡ ନଂ- ୬୩ରେ Apartment ନିର୍ମାଣ ପାଇଁ ୧୨ଟି ସଂସ୍ଥା / ବ୍ୟକ୍ତି ବିଶେଷ ଆବେଦନ କରିଥିଲେ । ସେଥି ମଧ୍ୟରୁ ୫ଟି ସଂସ୍ଥା / ବ୍ୟକ୍ତି ବିଶେଷ BMC ରେ.ନିର୍ଦ୍ଦେଶ ଅନୁଯାୟୀ Periphery Development Charges ଦାଖଲ କରି NOC ହାସଲ କରିଛନ୍ତି । ଏହା ବ୍ୟତୀତ ଆଉ ଦୁଇଟି ସଂସ୍ଥା BMC ନିର୍ଦ୍ଦେଶ ଅନୁସାରେ Periphery Development Charges ପୈଠ କରି ସାରିଲା ପରେ NOC ହାସଲ କରିଛନ୍ତି । ଆଉ ଦୁଇଟି ସଂସ୍ଥା / ବ୍ୟକ୍ତି ବିଶେଷଙ୍କୁ NOC Charges ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସେ ନିର୍ଦ୍ଧାରିତ NOC Charges ଦାଖଲ କଲା

ପରେ BMC ଦ୍ୱାରା NOC ପ୍ରଦାନ କରାଯିବ । ଗୋଟିଏ ସଂସ୍ଥାକୁ Periphery Development କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସେ ଏହା ଶେଷ କଲା ପରେ BMC ଦ୍ୱାରା NOC Issue କରାଯିବ । ବାକି ଦୁଇଟି ସଂସ୍ଥା NOC ପାଇଁ ନିବେଦନ କରିଛନ୍ତି । ତାଙ୍କର ଏହି ଆବେଦନ BMC ର ବିଚାରାଧିନ ଅଛି ।

କର୍ପୋରେଟର ମହାଶୟ ତାଙ୍କ ପ୍ରଶ୍ନରେ ପଚାରିଥିବା ୬ଟି Apartment ନିର୍ମାଣକାରୀ ସଂସ୍ଥାଙ୍କ ନାମ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ କଲେ, ସଂପୃକ୍ତ ସଂସ୍ଥା ଦ୍ୱାରା ଦାଖଲ କରାଯାଇଥିବା NOC Charges ର details ଯୋଗାଇ ଦିଆଯିବ ।

ପ୍ରଶ୍ନ -୨(୫). ମେୟର ମହୋଦୟ ଗୃହକୁ ଜଣାଇବେ କି, ନାରଣ ଜେନା ଛକ ଠାରୁ ବାସୁ ପଟ୍ଟନାୟକ ଘର ପର୍ଯ୍ୟନ୍ତ କାମ କେବେ ହେବ ?

ଉତ୍ତର -୨(୫). ଉକ୍ତ କାର୍ଯ୍ୟ ପାଇଁ ଶ୍ରୀ ପ୍ରମୋଦ ବେହେରାଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟଟି ନକରିବା ଫଳରେ ଅଫିସ ତରଫରୁ ତାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ପଦକ୍ଷେପ ନେବା ପରେ ଶ୍ରୀ ବେହେରା ସେ କାର୍ଯ୍ୟଟିକୁ କରିବା ପାଇଁ ମାନ୍ୟବର ମେୟରଙ୍କୁ ଦରଖାସ୍ତ କରିଛନ୍ତି । ତାଙ୍କ ଦରଖାସ୍ତଟିକୁ ବିଚାରକୁ ନେଇ ତାଙ୍କୁ ପୁନର୍ବାର ଏକ ସୁଯୋଗ ଦେବା ପାଇଁ ଆଗାମୀ Conctrcts Committee ରେ ପ୍ରସ୍ତାବ ଉପସ୍ଥାପନ କରାଯିବ ।

ପ୍ରଶ୍ନ -୨(୬). ମେୟର ମହୋଦୟ ଗୃହକୁ ଜଣାଇବେ କି, ରାମ ମନ୍ଦିର ଛକ ଠାରୁ ଶାନ୍ତି ଦାଶ ଘର ପର୍ଯ୍ୟନ୍ତ କାମ କେବେ ହେବ ?

ଉତ୍ତର -୨(୬). ଉକ୍ତ କାର୍ଯ୍ୟ ପାଇଁ Estimate ପ୍ରସ୍ତୁତି ହେଉଛି । ଏହା ଅନୁମୋଦନ ହେଲା ପରେ Tender ଆହ୍ୱାନ କରାଯିବ ।

ପ୍ରଶ୍ନ -୨(୭). ମେୟର ମହୋଦୟ ଗୃହକୁ ଜଣାଇବେ କି, ୨୦୧୪ ବର୍ଷର କାମରୁ ଗୋଟିଏ କାମ ଆରମ୍ଭ ହୋଇଅଛି, ଆଉ ଅବଶିଷ୍ଟ କାମ କେବେ ହେବ ?

ଉତ୍ତର -୨(୭). ୨୦୧୪-୧୫ ଆର୍ଥିକ ବର୍ଷରେ ୱାର୍ଡ ନମ୍ବର ୬୩ ପାଇଁ ୫ଟି Tender କରାଯାଇଥିଲା । ସେଥି ମଧ୍ୟରୁ ଗୋଟିଏ କାମ ସରି ଯାଇଛି, ଦୁଇଟି ଚାଲିଛି ଓ ଗୋଟିଏ ଖୁବ୍ ଶୀଘ୍ର ଆରମ୍ଭ ହେବ । ଆଉ ଗୋଟିଏ କାମ ପାଇଁ Agreement Notice ସଂପୃକ୍ତ ଠିକାଦାରଙ୍କୁ ଦିଆଯାଇଛି ।

ପ୍ରଶ୍ନ -୨(୮). ମେୟର ମହୋଦୟ ଗୃହକୁ ଜଣାଇବେ କି, ୨୦୧୫ ବର୍ଷ ଶ୍ରୀ ଶ୍ରୀ ଅନନ୍ତ କିଶୋରଙ୍କ ଟଙ୍କା କେବେ ମିଳିବ ?

ଉତ୍ତର -୨(୮). ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ଦେବ କ୍ଲବର ସାଧାରଣ ସମ୍ପାଦକ କରିଥିବା ଆବେଦନ ପତ୍ରକୁ ବିଚାରକୁ ନିଆଯାଇ ତାଙ୍କ ସପକ୍ଷରେ ଅନୁଦାନ ମଞ୍ଜୁର କରିବା ପାଇଁ ପଦକ୍ଷେପ ନିଆଯାଉଅଛି ।ପ୍ରଶ୍ନକର୍ତ୍ତା କହିଥିଲେ ଯେ, ମୁଁ ଶୁଣିବାକୁ ପାଉଅଛି ଟ. ୨୦,୦୦୦/- ମାତ୍ର ଦିଆଯିବ । ଆଉଗିରି ମିଟିଙ୍ଗରେ କହିଥିଲେ ଟ. ୫୦,୦୦୦/- ମାତ୍ର ଦିଆଯିବ । ପୁଣି କଣ ୨୦ ହଜାର ଟଙ୍କା କରିଅଛି । ୫୦ ହଜାର ଟଙ୍କା ନଦେଲେ ଆମେ ନେବୁ ନାହିଁ । ଏହା ଉପରେ ଆଲୋଚନା କରାଗଲା ଏବଂ ଶ୍ରୀ ଶ୍ରୀ ସିଦ୍ଧେଶ୍ୱରଦେବ କ୍ଲବ ସପକ୍ଷରେ ଟ. ୫୦,୦୦୦/- ମାତ୍ର ଅନୁଦାନ ମଂଜୁର କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହେଲା ।

ଶ୍ରୀମତୀ ହରପ୍ରିୟା ସାହୁ, ୱାର୍ଡ ନମ୍ବର -24

ପ୍ରଶ୍ନ -୨(୯). ମେୟର ମହୋଦୟ ଗୃହକୁ ଜଣାଇବେ କି, ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ୱାର୍ଡ ପିଛା ଲମ୍ବ କେତେ ମିଟର ଓ କେତେ ଗୋଟି ୪/୪ ମାଟି ତଳେ ଚାନ୍ଦର କରିବା ପାଇଁ ଅନୁମତି ଦିଆଯାଇଅଛି, ତାହା ଗୃହକୁ ଜଣାଇବେ କି, ଆମ୍ଭ ୱାର୍ଡରେ ଖୋଳିବା ସମୟରେ ଆମ୍ଭ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଜଣାଇ ଥିଲୁ । ଅଧିକାରୀ ଦ୍ୱୟ ତାଙ୍କର ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ପଠାଇ ରିଲିୟାନ୍ସ ସଂସ୍ଥାର କର୍ମଚାରୀଙ୍କୁ ପରିମିଶନ୍ ବାବଦରେ କହିଥିଲେ । କିନ୍ତୁ ସେମାନେ ପରିମିଶନ ନଦେଖାଇ ଖୋଳି ଥିଲେ । ତାହା କେତେ ଦୂର ଠିକ୍ ଗୃହକୁ ଜଣାଇବେକି ? ନନେଇଥିବା ଅନୁମତି କାର୍ଯ୍ୟ ସଂସ୍ଥା ମାନଙ୍କୁ କଣ କରାଯିବ ଓ କଣ ଆଇନ୍ ଅନୁଯାୟୀ ପଦକ୍ଷେପ ନିଆଯାଇ ଅଛି, ତାହା ଗୃହକୁ ଜଣାଇବେ କି ?

ଉତ୍ତର -୨(୯). ଭୁବନେଶ୍ୱର ମହାନଗର ନିଗମାଞ୍ଚଳର ସମସ୍ତ ୱାର୍ଡରେ କେବୁଲ ବିଛାଇବା ପାଇଁ (ROW) ଦିଆଯାଇଥିବା ସମସ୍ତ ଅନୁମତିର ବିସ୍ତୃତ ବିବରଣୀ ସ୍ୱଳ୍ପ ସମୟ ମଧ୍ୟରେ ପ୍ରଦାନ କରାଯାଇପାରୁନାହିଁ । ଏ ସମ୍ବନ୍ଧରେ ବିଶଦ୍ ବିବରଣୀ ପାଇଁ ସମୟ ସାପେକ୍ଷ ହୋଇଥିବାରୁ ଏହା ପରବର୍ତ୍ତୀ ବୈଠକରେ ଦାଖଲ କରାଯିବ । ବରମୁଣ୍ଡା ଅଞ୍ଚଳରେ କେବୁଲ ବିଛାଇବା ନିମନ୍ତେ Reliance jica ଙ୍କୁ BMC ପତ୍ର ସଂଖ୍ୟା- ୧୮୦୫୨, ତା ୨୯.୧୨.୨୦୧୪ ରିଖରେ BMC ପୂର୍ତ୍ତ ବିଭାଗଦ୍ୱାରା ସ୍ୱିକୃତ Licence Fees

ଦେୟ ବିନିମୟରେ ଅନୁମତି ପ୍ରଦାନ କରାଯାଇଥିଲା । (କପି ସଂଲଗ୍ନ) ଏ ସମ୍ବନ୍ଧରେ ମାନନୀୟା କର୍ପୋରେଟରଙ୍କ ପ୍ରତିନିଧିଙ୍କୁ ବିଭାଗୀୟ ଅଧିକାରୀ ଏ ସମ୍ପର୍କରେ ଅବଗତ କରାଇଥିଲେ ।

ଅତିରକ୍ତ ପ୍ରଶ୍ନ ଛଳରେ ପ୍ରଶ୍ନକର୍ତ୍ତା ଜାଣିବାକୁ ଚାହିଁଥିଲେ ଆମକୁ କାହିଁକି Order Copy ଦିଆଯାଉନାହିଁ । ଆମେ ଜାଣିପାରୁନାହୁଁ । ଏହା ଉପରେ ଆଲୋଚନା କରାଗଲା । କେବୁଲ୍ ଲାଇନ୍ ବିଛାଇବା ପାଇଁ ଟେଲିକମ୍ ସଂସ୍ଥାକୁ ଦିଆଯାଉଥିବା ଅନୁମତି ପତ୍ରର କପି ସଂପୃକ୍ତ ୱାର୍ଡ କର୍ପୋରେଟରଙ୍କୁ ଦିଆଯିବ । ସଂପୃକ୍ତ ୱାର୍ଡ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଏଥିପାଇଁ Layout ଦେବେ ଏବଂ ପୁନଃଦ୍ଧାର କାର୍ଯ୍ୟ ତଦାରଖ କରିବେ । ଅନୁମତି ପତ୍ର ପାଇଁ ଯାଉଥିବା ନଥିରେ ଯନ୍ତ୍ରୀମାନେ Lower side estimate ଦେଉଛନ୍ତି । ଏଣିକି Higher side ର estimate ଦେବେ । ସଂପୃକ୍ତ ସଂସ୍ଥା / ବ୍ୟକ୍ତି Performnce ଗ୍ୟାରେଣ୍ଟି ନିଗମରେ ଦାଖଲ କରିବେ । ବାର୍ଷିକ ଲାଇସେନ୍ସ ଫି ଦାଖଲ କରିବେ । ବାର୍ଷିକ ଟ୨୫.୦୦(ପଚିଶ୍ ଟଙ୍କା) Per squere meter licence fee ଆଦାୟ କରାଯିବ । ଏହି କାର୍ଯ୍ୟ ସଂପୃକ୍ତ ୱାର୍ଡ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ, ଟିକସ ଅସୁଲକାରୀ, ଲାଇସେନ୍ସ ଇନ୍ସପେକ୍ଟର ଏବଂ ମିସ୍‌ଲାନିୟସ୍ ସରକାର ତଦାରଖ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହେଲା ।

ପ୍ରଶ୍ନ -୨(୧୦). ମେୟର ମହୋଦୟ ଗୃହକୁ ଜଣାଇବେ କି, ରାସ୍ତାରେ ପଡି ଥିବା ଇଟା, ବାଲି, ଗୋଡି ଓ ଘରର ଆସବାବ ଜିନିଷ (ଢ଼େବିଜ୍) ରାସ୍ତାରେ ବହୁ ଦିନ ଧରି ପଡି ରହୁଅଛି , ତାହା ପ୍ରତି BMC ର ପଦକ୍ଷେପ କଣ ନେଇଛନ୍ତି, ତାହା ପ୍ରତି କଣ ପଦକ୍ଷେପ ନିଆଯାଇ ପାରିବ ?

ଉତ୍ତର -୨(୧୦). ରାସ୍ତାରେ ପଡି ଥିବା ଇଟା, ବାଲି, ଗୋଡି ଓ ଘରର ଆସବାସ ଜିନିଷ (ଢ଼େବିଜ୍) ରାସ୍ତାରେ ବହୁ ଦିନ ଧରି ପଡି ରହିବା ପରେ ଯଦି ଭୂ-ଉପବିଭାଗକୁ କୌଣସି ଅଭିଯୋଗ ଆସିଲେ, ଭୂ-ଉପବିଭାଗ ଅଧିନରେ ଥିବା Eviction Squard କୁ ପଠାଇ ରାସ୍ତା ଅବରୋଧ କରିଥିବା ପ୍ଲଟ ମାଲିକଙ୍କ ଠାରୁ ଫାଇନ୍ ଆଦାୟ କରାଯାଇଥାଏ ।

ଏହି ଆଲୋଚନାରେ ଭାଗ ନେଇ କର୍ପୋରେଟର ଶ୍ରୀ ପ୍ରଣବ କିଶୋର ସ୍ୱାଇଁ କହିଥିଲେ ଯେ, ଅଗରୁ Commissioner ଙ୍କ Representative ମାନେ ସେମାନଙ୍କୁ Notice ଦେଉଥିଲେ ଏବଂ ସେମାନଙ୍କ ଠାରୁ ଜୋରିମାନା ଆଦାୟ କରୁଥିଲେ । ଏବେ ତାହା ଆଉ ହେଉନଥିବାରୁ ଲୋକମାନଙ୍କର ଭୟ ରହୁନାହିଁ । ଯିଏ ଯେଉଁଠାରେ ପାରିଲେ ବାଲି, ଗୋଡି ଓ ଡେବ୍ରିଜ୍ ଜମା କରୁଛନ୍ତି । ଜନସାଧାରଣ ଯାତାୟତରେ ଅସୁବିଧା ସୃଷ୍ଟି ହେଉଅଛି । ଏହା ଉପରେ ପଦକ୍ଷେପ ନିଆ ନ ଗଲେ ବହୁ ଅସୁବିଧା ହେବ ବୋଲି କହିଥିଲେ । ତାଙ୍କୁ କର୍ପୋରେଟର ଶ୍ରୀମତୀ ସ୍ୱର୍ଣ୍ଣପ୍ରଭା ରାୟ, ଶ୍ରୀ ଦେବୀ ପ୍ରସାଦ ନନ୍ଦ, ଶ୍ରୀ ସଂଜୟ କୁମାର ସେଠୀ ସମର୍ଥନ କରିଥିଲେ । ଏଣିକି ନୋଟିସ୍ ଦିଆଯିବ ରାସ୍ତାରେ ଜମା ହୋଇଥିବା ଡେବ୍ରିଜ୍‌ଗୁଡ଼ିକ ଉଠାଯାଇ ଖାଲ ଯାଗାରେ ପକାଯିବ ଏବଂ ଭଲ ବାଲି, ଗୋଡି ଉଠାଇ ଆଣି ବି.ଜେ.ବି. ନଗର କ୍ୱାଟର ପଛରେ ଜମା କରି ରଖାଯିବ । ଏହି ବାଲି, ଗୋଡି ନେବାପାଇଁ ଜଣେ ଠିକାଦାରଙ୍କୁ ଦାୟିତ୍ୱ ଦିଆଯିବ । ଟ୍ରିପ୍ ପ୍ରତି ଦର ଧାର୍ଯ୍ୟ କରିବା ପାଇଁ ନିଗମର ନଗର ଯନ୍ତ୍ରୀ, ନଗର ସ୍ୱାସ୍ଥ୍ୟ ଅଧିକାରୀ ଓ D.C. Recovery ନେଇ ଏକ କମିଟି ଗଠନ କରାଗଲା । ରାଜ୍ୟ ସରକାରଙ୍କ ଜନସ୍ୱାସ୍ଥ୍ୟ ବିଭାଗ ଓ ପୂର୍ତ୍ତବିଭାଗ ଢ଼େବିଜ ନ ଉଠାଇଲେ ତାଙ୍କୁ ନୋଟିସ୍ ଦିଆଯିବ । ପୁନର୍ବାର ନ ଉଠାଇଲେ ଢ଼େବିଜଗୁଡ଼ିକ ନିଗମ ଉଠାଇଲେ ଏହି ଅର୍ଥ ଭରଣ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ଓ ପୂର୍ତ୍ତବିଭାଗକୁ ଲେଖାଯିବ । ଏହିସବୁ କାର୍ଯ୍ୟପାଇଁ ଜଣେ ଅଧିକାରୀ ଦାୟିତ୍ୱ ଦେବାପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହେଲା ।

<u>ଶ୍ରୀମତୀ ରାଜଲକ୍ଷ୍ମୀ ନାୟକ, ୱାର୍ଡ ନମ୍ବର -43</u>

ପ୍ରଶ୍ନ -୨(୧୧). ମେୟର ମହୋଦୟ ଗୃହକୁ ଜଣାଇବେ କି, ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନଂ-୪୩ରେ ବି.ଏମ୍.ସି. ଦ୍ୱାରା ନିର୍ମିତ କମ୍ୟୁନିଟି ସେଣ୍ଟର କେବେ ବି.ଏମ୍.ସି. ତା ଅଧକ୍ଷରେ ନେବ ଓ ବି.ଏମ୍.ସି. ଦ୍ୱାରା କେବେ କାର୍ଯ୍ୟକାରୀ ହେବ ?

ଉତ୍ତର -୨(୧୧). ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନଂ-୪୩ରେ ବି.ଏମ୍.ସି. ଦ୍ୱାରା ନିର୍ମିତ କମ୍ୟୁନିଟି ସେଣ୍ଟରର ଜାଗା ସାଧାରଣ ପ୍ରଶାସନ ବିଭାଗର କର୍ତ୍ତୃତ୍ୱାଧିନ ଅଟେ । ଉକ୍ତ ଜାଗାଟି ବି.ଏମ୍.ସି.କୁ ଆଣିବା ପାଇଁ ନିଗମ ପତ୍ର ସଂଖ୍ୟା-୬୨୩୪. ତା ୧୧.୩.୨୦୧୫ ରିଖରେ ସାଧାରଣ ପ୍ରଶାସନ ବିଭାଗକୁ ଅନୁରୋଧ କରାଯାଇଛି । ସାଧାରଣ ପ୍ରଶାସନ ବିଭାଗଙ୍କ ଠାରୁ ଅନୁମତି ମିଳିଲା ପରେ ବି.ଏମ୍.ସି. ଅଧିନକୁ ଆସିବ ଓ ବି.ଏମ୍.ସି. ଦ୍ୱାରା କାର୍ଯ୍ୟକାରୀ ହେବ । ଉକ୍ତ କମ୍ୟୁନିଟି ସେଣ୍ଟରଟି ନିଗମ ଅର୍ଥରେ ନିର୍ମାଣ ହୋଇଥିବାରୁ ଏହାକୁ ଦୁଇ ଦିନ ମଧ୍ୟରେ ନିଗମ ଅଧିନକୁ ଆଣିବା ପାଇଁ D.C. Recovery ଙ୍କୁ କମିଶନର ନିର୍ଦ୍ଦେଶ ଦେଇଥିଲେ ।

ଆଲୋଚନାରେ ଅଂଶଗ୍ରହଣ କରି କର୍ପୋରେଟର ଶ୍ରୀମତୀ ମାନସୀ ରାଣୀ ସୁନ୍ଦରାୟ, ଶ୍ରୀ ଦେବୀ ପ୍ରସାଦ ନନ୍ଦ କହିଥିଲେ ଯେ ବହୁତଗୁଡ଼ିଏ କମ୍ୟୁନିଟି ସେଣ୍ଟର ନିର୍ମାଣ କରୁଅଛେ । ସେଗୁଡ଼ିକୁ ବାହାର ଲୋକ ବ୍ୟବହାର କରୁଛନ୍ତି । ନିଗମ ନିର୍ମାଣ କରିଥିବା କମ୍ୟୁନିଟି ସେଣ୍ଟରଗୁଡ଼ିକୁ ନିଗମ ଅଧିନକୁ ଅଣାଯିବ । କୌଣସି କମ୍ୟୁନିଟି ସେଣ୍ଟର Resdential Welfare

Association ବ୍ୟବହାର କରୁଥିଲେ ସେମାନଙ୍କ ସହିତ ଆଲୋଚନା କରାଯାଇ ତାହାକୁ ନିଗମ ଅଧିନକୁ ଆଣିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହେଲା ।

ପ୍ରସ୍ତାବ-୩. ପୂର୍ତ୍ତ ବିଭାଗର ବିଭିନ୍ନ କାର୍ଯ୍ୟର ପ୍ରଗତି ବିବରଣୀ ଉପସ୍ଥାପନ :-

ନିର୍ଦ୍ଧାରଣ-୩. ଉପସ୍ଥାପନ କରାଗଲା ।

ପ୍ରସ୍ତାବ-୪. ବିଭିନ୍ନ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ :-

ନିର୍ଦ୍ଧାରଣ-୪(୧). ଗତ ତା 16.3.2015 ରିଖ ଏବଂ ତା 16.4.2015 ରିଖ ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ ଆକାଉଣ୍ଟସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୨). ଗତ ତା 21.3.2015 ରିଖ ଏବଂ ତା 18.4.2015 ରିଖ ପବ୍ଲିକ ହେଲ୍ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ,ଡ୍ରେନେଜ ଆଣ୍ଡ ଏନ୍‌ଭିରନମେଣ୍ଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୩). ଗତ ତା 18.3.2015 ରିଖ ଏବଂ ତା 18.4.2015 ରିଖ ପବ୍ଲିକ ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୪). ଗତ ତା 19.3.2015 ରିଖ ଏବଂ ତା 17.4.2015 ରିଖ ପ୍ଲାନିଂ ଆଣ୍ଡ ଡେଭଲପମେଣ୍ଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୫). ଗତ ତା 17.3.2015 ରିଖ ଏବଂ ତା 16.4.2015 ରିଖ ଏଜ୍ୟୁକେଶନ, ରିକ୍ରିଏସନ ଆଣ୍ଡ କଲଚର ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୬). ଗତ ତା 24.3.2015 ରିଖ ଏବଂ ତା 20.4.2015 ରିଖ ଲାଇସେନ୍ସ ଆଣ୍ଡ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୭). ଗତ ତା 25.3.2015 ରିଖ ଏବଂ ତା 28.4.2015 ରିଖ କଣ୍ଟ୍ରାକ୍ଟସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଯାଇ ସର୍ବସମ୍ମତି କ୍ରମେ ଅନୁମୋଦନ କରାଗଲା ।

ନିର୍ଦ୍ଧାରଣ-୪(୮). ଗତ ତା 18.3.2015 ରିଖ ଏବଂ ତା 17.4.2015 ରିଖ କର୍ପୋରେସନ ଏଷ୍ଟାବ୍ଲିସ୍‌ମେଣ୍ଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୯). ଗତ ତା 25.3.2015 ରିଖ ଏବଂ ତା 23.4.2015 ରିଖ ଗ୍ରୀଭାନ୍ସ ଆଣ୍ଡ ସୋସିଆଲ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ପ୍ରକାଶ ଥାଉକି ଉପର ବର୍ଣ୍ଣିତ ଷ୍ଟାଣ୍ଡିଂ କମିଟି ମାନଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ନିର୍ଦ୍ଧାରଣ ଗୁଡିକ ସଂପୃକ୍ତ ନଥିରେ ମାନ୍ୟବର ମେୟରଙ୍କ ନିକଟରେ ଉପସ୍ଥାପନ କରାଯିବା ପରେ ଓଡିଶା ମ୍ୟୁନିସିପାଲ କର୍ପୋରେସନ ରୁଲ-2004 ର ନିୟମ - 03, 04, 05, 06, 07, 08, 10 ଓ 11 ଅନୁଯାୟୀ ତହିଁ ଉପରେ ମେୟରଙ୍କ ଆଦେଶ ମତେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ପ୍ରସ୍ତାବ-୫. ଭୁବନେଶ୍ୱର ମହାନଗର ନିଗମର ଫେବୃଆରୀ ଏବଂ ମାର୍ଚ୍ଚ-୨୦୧୫ ମାସର ଆୟ ବ୍ୟୟ ହିସାବ ଫର୍ଦ୍ଦ ଉପସ୍ଥାପନ :-

ନିର୍ଦ୍ଧାରଣ-୫. ଉପସ୍ଥାପନ କରାଗଲା । ଏହା ଉପରେ ଅଡିଟ୍ ମତାମତ / ମନ୍ତବ୍ୟ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ଥିର ହେଲା । "(Expenditure Statement is passed subject to audit)"

ପ୍ରସ୍ତାବ -୬. <u>ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ମାନଙ୍କ ଠାରୁ ମିଳିଥିବା ପ୍ରସ୍ତାବ :-</u>

<u>ଶ୍ରୀ କୁମାରେନ୍ଦ୍ର ମହାପାତ୍ର, ୱାର୍ଡ ନମ୍ବର -୩୧.</u>

ପ୍ରସ୍ତାବ -୬(୧). ୱାର୍ଡ ନଂ-୩୧ M/s. Safari Retreats Pvt. Ltd. ନିର୍ମାଣ କରୁଥିବା Multi Stored Commercial Building ସରକାରୀ ଅଂଶର ଜାଗାକୁ ତୁରନ୍ତ ଉଚ୍ଛେଦ କରାଯାଇ ସେହି ଜାଗାରେ ଭେଣ୍ଡିଂ ଜୋନ୍ ମାଧମରେ ଉଠା ମାଛ ଦୋକାନୀମାନଙ୍କୁ ଥଇଥାନ କରିବା ପାଇଁ କର୍ପୋରେସନରେ ଆଲୋଚନା ଓ ସିଦ୍ଧାନ୍ତ :-

ନିର୍ଦ୍ଧାରଣ-୬(୧). ପ୍ରସ୍ତାବ ବର୍ଣ୍ଣିତ ସ୍ଥାନରେ ଜାଗା ଖାଲିଥିଲେ ନିୟମ ଅନୁଯାୟୀ ପଦକ୍ଷେପ ନେବାପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହେଲା ।

ପ୍ରସ୍ତାବ -୬(୨). ୱାର୍ଡ ନଂ- ୩୧ସ୍ଥିତ ଗୋବିନ୍ଦ ପ୍ରସାଦ ମୌଜାରେ (ଦୁର୍ଗା ମଣ୍ଡପ ନିକଟ) ଏକ ପାର୍କ ନିର୍ମାଣ କରିବା ସମ୍ପର୍କରେ କର୍ପୋରେସନରେ ଆଲୋଚନା ଓ ସିଦ୍ଧାନ୍ତ :-

ନିର୍ଦ୍ଧାରଣ-୬(୨). ଏ ପ୍ରସ୍ତାବ ଆଇନ୍ ଅନୁଯାୟୀ କାର୍ଯ୍ୟକାରୀ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହେଲା ।

<u>ଶ୍ରୀ ନିର୍ମଳ ଚନ୍ଦ୍ର ରାଉତ, ୱାର୍ଡ ନମ୍ବର -୦୫.</u>

ପ୍ରସ୍ତାବ -୬(୩). ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର ଅନ୍ତର୍ଗତ ୱାର୍ଡ ନଂ-୫ ଏକ ବିସ୍ତିର୍ଣ୍ଣ ଅଞ୍ଚଳ ଅଟେ । କିନ୍ତୁ ବି.ଏମ୍.ସି. ତରଫରୁ ଯୋଗାଇ ଦିଆଯାଉଥିବା ସଫେଇ କର୍ମଚାରୀ ପର୍ଯ୍ୟାପ୍ତ ନୁହଁନ୍ତି। ଯାହା ଫଳରେ ପରିମଳ ବ୍ୟବସ୍ଥା ଠିକ୍ ଭାବରେ ସମ୍ପାଦନ ହୋଇପାରୁନାହିଁ । ଏହି ୱାର୍ଡର ଭୋଟର ସଂଖ୍ୟା - ୧୮,୦୦୦ ରୁ ଉର୍ଦ୍ଧ୍ୱ ଅଟେ ଏବଂ ଜନସଂଖ୍ୟା- ୫୦,୦୦୦ ରୁ ଉର୍ଦ୍ଧ୍ୱ । ଏଣୁ ସତ୍ୟ ବିହାର, ମଞ୍ଚେଶ୍ୱର ଗ୍ରାମ, ପିଏଚଡି କଲୋନୀ, ପଳାଶୁଣି, ନନ୍ଦ ନଗର, ସମେଇଗାଡିଆ ଅଞ୍ଚଳକୁ ଅନ୍ୟୁନ୍ୟ ୩୦ ଜଣ ସଫେଇ କର୍ମଚାରୀ ଆଉ ଆବଶ୍ୟକତା ଅନୁଯାୟୀ ଯୋଗାଇ ଦିଆଯାଉ । ଏହି ବିଷୟରେ କର୍ପୋରେସନରେ ଆଲୋଚନା ଓ ସିଦ୍ଧାନ୍ତ :-

ନିର୍ଦ୍ଧାରଣ-୬(୩). ଏ ପ୍ରସ୍ତାବ ଉପରେ ନିଗମର ସ୍ୱାସ୍ଥ୍ୟ ଅଧିକାରୀ ତର୍ଜମା କରି ପଦକ୍ଷେପ ନେବାପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହେଲା ।

<u>ଶ୍ରୀମତୀ ରାଜଲକ୍ଷ୍ମୀ ନାୟକ, ୱାର୍ଡ ନମ୍ବର -୪୩.</u>

ପ୍ରସ୍ତାବ -୬(୪). ଭୁବନେଶ୍ୱର ମହାନଗର ନିଗମୱାର୍ଡ ନଂ-୪୩ ଦେଇ ଗତି କରୁଥିବା ୫ନଂ. ଡ୍ରେନ ଦୁଇ ଗୋଟି ସାଇଫୋନ୍ ପୁନଃଦ୍ଧାର ନିମନ୍ତେ କର୍ପୋରେସନରେ ଆଲୋଚନା ଓ ସିଦ୍ଧାନ୍ତ :-

ନିର୍ଦ୍ଧାରଣ-୬(୪). ପ୍ରସ୍ତାବ ବର୍ଣ୍ଣିତ ଡ୍ରେନ୍ ଓ ଆଚାର୍ଯ୍ୟ ବିହାର ଡ୍ରେନ୍ କାର୍ଯ୍ୟ କରିବା ପାଇଁ ଡ୍ରେନେଜ୍ ଡ଼ିଭିଜନ୍ ସହିତ ଅଲୋଚନା କରି ପଦକ୍ଷେପ ନିମନ୍ତେ ସର୍ବସମ୍ମତି କ୍ରମେ ନିଗମର ନଗର ଯନ୍ତ୍ରୀଙ୍କ ଉପରେ ସର୍ବସମ୍ମତି କ୍ରମେ ଦାୟିତ୍ୱ ନ୍ୟସ୍ତ କରାଗଲା ।

ପ୍ରସ୍ତାବ-୭. ତା ୨୯.୪.୨୦୧୫ ରିଖ କର୍ପୋରେସନ ବୈଠକରେ ନିମ୍ନଲିଖିତ ପ୍ରସ୍ତାବ ଗୁଡିକ ଉପରେ ଆଲୋଚନା ଓ ନିଷ୍ପତ୍ତି ନିମନ୍ତେ :-

ପ୍ରସ୍ତାବ-୭(୧). ଶ୍ରୀ କୁଳମଣୀ ନାଏକ, ସ୍ଥାୟୀ ଝାଡୁଦାର, ପ.ପ.ସଂ-୮୦୧ ଅଟେ । ଶ୍ରୀ ନାଏକ ତା ୦୯.୦୭.୧୯୯୬ ମସିହାରେ ଝାଡୁଦାର ଭାବେ ମହାନଗର ନିଗମରେ ଚାକିରୀରେ ଯୋଗ ଦେଇଥିଲେ । ସେତେବେଳେ ତାଙ୍କୁ ୪୨ ବର୍ଷ ୩ ମାସ ୬ ଦନ ବୟସ ହୋଇଥିଲା । କିନ୍ତୁ ସେହି ସମୟରେ ସରକାରଙ୍କର ନୀତି ନିର୍ଦ୍ଧାରଣ ବୟସ ସୀମା ସାଧାରଣଙ୍କ କ୍ଷେତ୍ରରେ ୩୨ ବର୍ଷ ଓ SC/STଙ୍କ କ୍ଷେତ୍ରରେ ପାଞ୍ଚ ବର୍ଷ କୋହଳ କରାଯାଇ ୩୭ ବର୍ଷ ଥିଲା । ଶ୍ରୀ ନାଏକ ଜଣେ SC ସମ୍ପ୍ରଦାୟର ହୋଇଥିବାରୁ ୩୭ ବର୍ଷ ତାଙ୍କ ପାଇଁ ପ୍ରଯୁଜ୍ୟ ଅଟେ । ନଥି ନଂ- VII-801/2015 ଟିପ୍ପଣି ପୃଷ୍ଠା-୬୩ ରୁ ୬୪ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଶ୍ରୀ ନାଏକ ୫ ବର୍ଷ ୩ ମାସ ୬ ଦିନ ବୟସାଧିକ୍ୟରେ ଚାକିରୀରେ ଯୋଗଦାନ କରିଥିଲେ । ତାଙ୍କର ଏହି

ବୟସାଧିକ୍ୟ ସମୟକୁ କୋହଳ କରିବା ନିମନ୍ତେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ସମ୍ପର୍କରେ କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଣ୍ଟ ଷ୍ଟାଣ୍ଡିଂ କମିଟି ତାଙ୍କ ନିର୍ଦ୍ଧାରଣ ସଂଖ୍ୟା-୧, ତା ୧୭.୧.୨୦୧୫ ରିଖରେ ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରିଥିଲେ । ତଦ୍‌ନୁଯାୟୀ ମେୟରଙ୍କ ଆଦେଶ ମତେ ଉପରୋକ୍ତ ବିଷୟରେ କର୍ପୋରେସନଙ୍କ ବିଚାର :-

ନିର୍ଦ୍ଧାରଣ-୭(୧). ଏ ପ୍ରସ୍ତାବ ଆଇନ୍ ଅନୁଯାୟୀ କାର୍ଯ୍ୟକାରୀ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହେଲା ।

ପ୍ରସ୍ତାବ-୭(୨). ସ୍ୱର୍ଗତ ଉଦିଆ ନାଏକ, ପୂର୍ବତନ ସଫେଇ କର୍ମଚାରୀ, ପରିଚୟ ପତ୍ର ସଂଖ୍ୟା-୯୧୬, ଭୁବନେଶ୍ୱର ମହାନଗର ନିଗମର ଜଣେ ନିୟମିତ ଝାଡୁଦାର କର୍ମଚାରୀ ଥିଲେ । ସେ ଚାକିରୀରେ ଥାଇ ଗତ ତା ୨୬.୪.୨୦୧୨ ରିଖ ଦିନ ମୃତ୍ୟୁବରଣ କରିଥଲେ । ତେଣୁ ତାଙ୍କର ସ୍ତ୍ରୀ ରମା ନାଏକ ପୁନଃ ଥଇଥାନ ଯୋଜନାରେ ଚାକିରୀ ନିମନ୍ତେ ଆବେଦନ କରିଅଛନ୍ତି । ଏ ସଂକ୍ରାନ୍ତରେ ଜିଲ୍ଲାପାଳ, ନୟାଗଡଙ୍କ ପତ୍ର ସଂଖ୍ୟା-୧୨୬୭, ତା ୨୪.୭.୨୦୧୪ ରିଖରେ Distress Certificate ପ୍ରଦାନ କରିଛନ୍ତି । ନଥି ନଂ- XXVI-88/2014 ଟିପ୍ପଣୀ ପୃଷ୍ଠା- ୧ ଠାରୁ ୩ ମଧରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ରମା ନାଏକଙ୍କୁ ପୁନଃ ଥଇଥାନ ଯୋଜନାରେ ଚାକିରୀରେ ନିଯୁକ୍ତି କରିବା ପାଇଁ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗଙ୍କୁ ସୁପାରିଶ କରିବା ସମ୍ପର୍କରେ କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଣ୍ଟ ଷ୍ଟାଣ୍ଡିଂ କମିଟି ତାଙ୍କ ନିର୍ଦ୍ଧାରଣ ସଂଖ୍ୟା-୨, ତା ୧୭.୧.୨୦୧୫ ରିଖରେ ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରିଥିଲେ । ତଦ୍‌ନୁଯାୟୀ ମେୟରଙ୍କ ଆଦେଶ ମତେ ଉପରୋକ୍ତ ବିଷୟରେ କର୍ପୋରେସନଙ୍କ ବିଚାର :-

ନିର୍ଦ୍ଧାରଣ-୭(୨). ଏ ପ୍ରସ୍ତାବ ଆଇନ୍ ଅନୁଯାୟୀ କାର୍ଯ୍ୟକାରୀ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହେଲା ।

